ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୩ ମେ, ୨୦୧୯



## ସଂକ୍ଷେପରେ

### ବଡ ମେଡିକାଲରେ ବ୍ୟାପକ ପ୍ରସ୍ତୁତି

**ବ୍ରହ୍ମପୁର ଅଫିସ୍,୨।୫:** ସାମୁଦ୍ରିକ ଝଡ଼ 'ଫନୀ'ର ଭୟାବହତାକୁ ନେଇ ଏବେ ନାନା କଳ୍ପନାଜଳ୍ପନା ଚାଲିଛି । ଲୋକଙ୍କ ମନରେ ଏହାକୁ ନେଇ ଭୟ ଦେଖାଦେଇଛି। ବାତ୍ୟା ଏବଂ ବନ୍ୟା ପରେ ଲୋକମାନଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗୁରୁବାର ଅଧୀକ୍ଷକ ପ୍ରଫେସର ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ୨୪ଘଣ୍ଟା ଖୋଲା ରହିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଚୁର ପରିମାଣରେ ଔଷଧ ମହଜୁଦ ରଖାଯାଇଛି। ଯେଉଁ କର୍ମଚାରୀମାନେ ଡ୍ୟୁଟିରେ ରହିବେ, ସେମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯିବ। ଅନ୍ୟପଟେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ୧୦ଜଣ ଡାକ୍ତରଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । କେଉଁଠାରେ କୌଣସି ପ୍ରକାର ଅଘଟଣ ଘଟିଲେ, ଏମାନେ ତତ୍‌କ୍ଷଣାତ ସେଠାରେ ପହଞ୍ଚିବେ। ସେହିଭଳି ରୋଗୀମାନଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି ଅଧୀକ୍ଷକ ପ୍ରଫେସର ପଣ୍ଡା ପ୍ରକାଶ କରିଛନ୍ତି ।

### ବର୍ଷା ଯୋଗୁ ରେଶମ ନଗର ସ୍ଥିତି ଗମ୍ଭୀର

**ବ୍ରହ୍ମପୁର ଅଫିସ,୨।୫:** ଭୟଙ୍କର ସାମୁଦ୍ରିକ ଝଡ଼ 'ଫନୀ' ଶୁକ୍ରବାର ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହା ପ୍ରଭାବରେ ଗୁରୁବାର ଠାରୁ ଆରମ୍ଭ ହୋଇଯାଇଛି ଘଡ଼ଘଡ଼ି ସହ ବର୍ଷା । ଗୋପାଳପୁର ସମୁଦ୍ର ଅତି ନିକଟତର ହୋଇଥିବାରୁ ଜିଲାର ଉପକୂଳ ଅଞ୍ଚଳ ସମେତ ବ୍ରହ୍ମପୁର ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି । ଫନୀ ମୁକାବିଲା ପାଇଁ ସରକାରୀ କଳ ପ୍ରସ୍ତୁତିକୁ ଜୋରଦାର କରିଥିଲେ ମଧ ନାନା ଆଶଙ୍କାରେ ରେଶମ ନଗରୀବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଲୋକେ ଭୟଭୀତ ନ ହେବା ପାଇଁ ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ଦିନତମାମ ମାଇକ ପ୍ରଚାର ଦ୍ୱାରା ସଚେତନ କରାଯାଇଛି । ସହରର ସବୁ ବଜାର ଖାଁ ଖାଁ ହୋଇଯାଇଛି । ବିଏମସି ତଥ୍ୟ ପ୍ରକାରେ ସହରରେ ଥିବା ୧୬୩ ବସ୍ତି ଅଞ୍ଚଳ ଅବସ୍ଥା ଲଗାଣ ବର୍ଷା ଯୋଗୁଁ ବେହାଲ ହୋଇଯାଇଛି । ବସ୍ତି ବାସିନ୍ଦାମାନଙ୍କୁ ସୁରକ୍ଷିତ ଭାବେ ରଖିବା ନିମନ୍ତେ ସ୍ଥାନାନ୍ତର କରାଯାଇଛି । ଗୁରୁବାର ରାତ୍ରରେ ୫ ହଜାରରୁ ଅଧିକ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ମହାନଗର ନିଗମ ପଦକ୍ଷେପ ନେଇଛି । ଶୁକ୍ରବାର ପ୍ରାତଃ ଭୋଜନ ଓ ମଧ୍ୟାହ୍ନ ଭୋଜନ ଯୋଗାଇବାର ବ୍ୟବସ୍ଥା କରାଯାଇଛି ।

### ୩୩ ଆଶ୍ରୟସ୍ଥଳୀରେ ୧୮୦୧ ଲୋକ ରହିବା ଲକ୍ଷ୍ୟ

ପୋଲସରା,୨।୫(ଡି.ଏନ.ଏ.)- ବାତ୍ୟା ଫନୀକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଯେଭଳି ଲୋକମାନେ ଭୟଭୀତ କିମ୍ବା ଆତଙ୍କିତ ନ ହେବେ, ସେଥିପାଇଁ ଗୁରୁବାର ବ୍ଲକ ପ୍ରଶାସନ ତରଫରୁ ବିଡିଓ ଶମ୍ଭୁନାଥ ନନ୍ଦୀଙ୍କ ଅଧକ୍ଷତାରେ ଏହାର ମୁକାବିଲା ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ଅଞ୍ଚଳରେ ୧୬ ବିଦ୍ୟାଳୟ କୋଠା, ୧୬ ଅଙ୍ଗନୱାଡି ଗୃହ ଓ ଗୋଟିଏ ବାତ୍ୟା ଆଶ୍ରୟସ୍ଥଳୀ ଏହିପରି ମୋଟ ୩୩ ଆଶ୍ରୟସ୍ଥଳୀ ପ୍ରଶାସନ ପକ୍ଷରୁ ଖୋଲାଯାଇଛି। ଏହି ଆଶ୍ରୟସ୍ଥଳୀରେ ପ୍ରାୟ ୧୮୦୧ ଲୋକ ରହିବା ଲାଗି ବ୍ୟବସ୍ଥା କରାଯାଇଛି। ଯଦି ଏହାଠାରୁ କ୍ଷତିଗ୍ରସ୍ତଙ୍କ ସଂଖ୍ୟା ବଢ଼ିବାର ଜଣାଯାଏ ତା'ହେଲେ ତାର ମଧ ବ୍ୟବସ୍ଥା କରାଯାଇଛି। ଗଛ ପଡ଼ି ରାସ୍ତା ଯେଭଳି ବନ୍ଦ ନ ହେବ ସେଥିଲାଗି ଜେସିବି ମେଶିନ, କଟର ଓ ଟ୍ରାକ୍ଟର ଆଦି ପ୍ରସ୍ତୁତ କରି ରଖାଯାଇଛି । ଜିରୋ କାଜୁଆଲଟି ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତ ରହିଛି। ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ତରଫରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହଯୋଗରେ ୧୮ ଜଣ ଆସନ୍ନ ପ୍ରସବାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷିତ ଭାବେ ରଖାଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପିଇବା ପାଣିର ସୁବନ୍ଦୋବସ୍ତ କରାଯାଇଛି । ଏଥିସହିତ ଗୃହପାଳିତ ପଶୁ ପକ୍ଷୀମାନଙ୍କର ଯତ୍ନ ସହ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହେବାକୁ ଥିବା ୪ ଶହ ପରିବାରକୁ ଚିହ୍ନଟ କରାଯାଇଛି ।

## ଫନୀ ମୁକାବିଲା ପାଇଁ ଏନଡିଆରଏଫ୍, ଓଡ୍ରାଫ୍ ଟିମ୍ ସଜାଗ

# ୨.୮୧ ଲକ୍ଷ ଲୋକ ନିରାପଦ ସ୍ଥାନକୁ ସ୍ଥାନାନ୍ତର

**ଛତ୍ରପୁର,୨।୫(ଡି.ଏନ.ଏ)**

ସାମୁଦ୍ରିକ ବାତ୍ୟା 'ଫନୀ'ର ମୁକାବିଲା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ବାତ୍ୟା, ବନ୍ୟା ଓ ଭୂସ୍ଖଳନ ଆଶଙ୍କା ଥିବା ସମ୍ବେଦନଶୀଳ ଅଞ୍ଚଳରୁ ଗୁରୁବାର ୨ ଲକ୍ଷ ୮୧ ହଜାର ଲୋକଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାପୂର୍ବରୁ ସମସ୍ତ କଚ୍ଚା ଘରୁ ଲୋକଙ୍କୁ ନିକଟସ୍ଥ ପକ୍କା ଘରକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଅଦ୍ୟାବଧି ୧୦୬୯ ନିରାପଦ ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖାଯାଇଛି । ଛତ୍ରପୁର ବ୍ଲକରେ ସର୍ବାଧିକ ୧୫୮ ଆଶ୍ରୟସ୍ଥଳ ଏବଂ ଚିକିଟି ବ୍ଲକରେ ସର୍ବନିମ୍ନ ୧୨ ଆଶ୍ରୟସ୍ଥଳରେ ଲୋକେ ରହିଛନ୍ତି। ଜିଲାର ୭୯ ହଜାର ୦୧୪ ପରିବାର ସ୍ଥାନାନ୍ତର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ୫୪୧ ଗର୍ଭବତୀଙ୍କୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪୪ ଭ୍ରାମ୍ୟମାଣ ଡାକ୍ତରୀ ଦଳ ବିଭିନ୍ନ ସ୍ଥାନରେ ରହିଛନ୍ତି। ୨୨ ଆମ୍ବୁଲାନ୍ସ ପ୍ରସ୍ତୁତ କରି ରଖାଯାଇଛି। ଜିଲାରେ ଥିବା ୯ଟି ଜଳଭଣ୍ଡାରରେ ୫୦ ପ୍ରତିଶତ ଜଳ ମହଜୁଦ ରଖି ଅବଶିଷ୍ଟ ନିଷ୍କାସନ କରିବା ପାଇଁ ସମ୍ପୃକ୍ତ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୩ ଜଣିଆ ଏନଡିଆରଏଫ୍ ଟିମ୍‌ରୁ ଗୋଟିଏ ଆସିକା ଏବଂ ଅନ୍ୟ ଏକ ଟିମ୍ ସୋରଡାରେ ସଜାଗ ରଖାଯାଇଛି। ସେହିପରି ୧୩ ଜଣିଆ ଓଡ୍ରାଫ୍ ଟିମ୍ ଗୋଟିଏ ଛତ୍ରପୁରରେ ଏବଂ ଅନ୍ୟ ଗୋଟିଏ ଚିକିଟିରେ ପ୍ରସ୍ତୁତ ରହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଆଇଜି ଅମିତାଭ ଠାକୁର, ଗଞ୍ଜାମ ଏସପି ବ୍ରିଜେଶ କୁମାର ରାଏ, ବ୍ରହ୍ମପୁର ଏସପି ପିନାକ ମିଶ୍ର ପ୍ରମୁଖ ବିଭିନ୍ନ ଆଶ୍ରୟସ୍ଥଳୀ ବୁଲି ଅନୁଧ୍ୟାନ କରିଛନ୍ତି। ଏଥିସହ ଆର୍ଯ୍ୟପଲ୍ଲୀ ମେରାଇନ ଥାନାରେ ଜିଲାପାଳ, ଆଇଜି, ୨ ଏସପି ପହଞ୍ଚି ଫନି ମୁକାବିଲା ପାଇଁ ଆଲୋଚନା କରିଛନ୍ତି। ୬୬ଟି ଚାରିଚକିଆ ଯାନ ଏବଂ ୪୨ଟି ଭାରୀଯାନ ବିଭିନ୍ନ ବ୍ଲକ ପକ୍ଷରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରଦାନ କରାଯାଇଛି। ଗୋପାଳପୁର, ତାରାତାରିଣୀ, ତପ୍ତପାଣି ଓ ରମ୍ଭା ପାନ୍ଥନିବାସରୁ ସମସ୍ତ ପର୍ଯ୍ୟଟକଙ୍କୁ ଖାଲି କରାଯାଇଥିବା ସୂଚନା ଦିଆଯାଇଛି। ପୂର୍ତ୍ତବିଭାଗ ଏବଂ ଜାତୀୟ ରାଜପଥର ନିର୍ବାହୀଯନ୍ତ୍ରୀ ବାତ୍ୟା ପରବର୍ତ୍ତୀ ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ପାଇଁ ୪୩ଟି ଦଳ ସହ ସଜାଗ ରହିଛନ୍ତି। ଏଥିରେ ୭୦୦ କୁଶଳୀ ଶ୍ରମିକମାନଙ୍କୁ ପ୍ରସ୍ତୁତ ରଖାଯାଇଛି। ୭୦ ଜେସିବି, ୯୦ ଟ୍ରାକ୍ଟର ମଧ ପୂର୍ତବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ରଖାଯାଇଛି।


ବଡ ଆର୍ଯ୍ୟପଲ୍ଲୀଠାରେ ଜିଲାପାଳ ଓ ଏସପି ଅନୁଧ୍ୟାନ କରୁଛନ୍ତି।

**ଗଞ୍ଜାମ ଜିଲା**
- ହସ୍ପିଟାଲରେ ଭର୍ତ୍ତି ହେଲେ ୫୪୧ ଗର୍ଭବତୀ
- ୪୪ ଭ୍ରାମ୍ୟମାଣ ଡାକ୍ତରୀ ଦଳ,୨୨ ଆମ୍ବୁଲାନ୍ସ

## କନ୍ଧମାଳ ଜିଲା

### 'ଫନୀ' ମୁକାବିଲା ଲାଗି ପ୍ରଶାସନର ପ୍ରସ୍ତୁତି

**ଫୁଲବାଣୀ ଅଫିସ, ୨।୫**

କନ୍ଧମାଳ ଜିଲା ପ୍ରଶାସନ ତରଫରୁ ବାତ୍ୟା 'ଫନୀ'ର ମୁକାବିଲା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରବଳ ବର୍ଷା ପବନରେ ଧନଜୀବନ କ୍ଷତିକୁ ପ୍ରତିହତ କରିବା ପାଇଁ ଜିଲାର ଦୁର୍ଗମ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ଆପଦକାଳୀନ ଉପବିଭାଗ, ସମସ୍ତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍, ତହସିଲ, ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ସେହିପରି ଜିଲାରେ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଟିମ୍ ସହ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛନ୍ତି। ବର୍ଷା, ବନ୍ୟାଜଳ ନିଷ୍କାସନ ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡ୍ରେନ୍ ଯଥାଶୀଘ୍ର ସଫା କରିବାକୁ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ହୋଇଛି। ଆବଶ୍ୟକ ପରିମାଣ ଚାଉଳ, କିରୋସିନ ଓ ଶୁଖିଲା ଖାଦ୍ୟଦ୍ରବ୍ୟ ମହଜୁଦ ରଖିବାକୁ ବେସାମରିକ ଯୋଗାଣ ଅଧିକାରୀ, ଆବଶ୍ୟକ ପରିମାଣ ହାଲୋଜେନ ବଟିକା ସହିତ ଓ.ଆର୍.ଏସ୍. ପ୍ୟାକେଟ୍ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଔଷଧ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପ୍ରାଣୀ ଖାଦ୍ୟ ଓ ଔଷଧ ମହଜୁଦ ରଖିବା ପାଇଁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଦ୍ୟୁତ ଓ ଟେଲି ଯୋଗାଯୋଗ ବ୍ୟବସ୍ଥା ନିରବଚ୍ଛିନ୍ନ ରଖିବା ଦିଗରେ ସଜାଗ ରହିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଗୁରୁବାର ସନ୍ଧ୍ୟା ପରେ ଭୂସ୍ଖଳନ ଓ ଗଛ ଉପୁଡିବା ଆଶଙ୍କା ଥିବାରୁ ଜିଲା ମଧ୍ୟରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି।

### ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ

**ରାଇକିଆ,୨।୫(ଡି.ଏନ.ଏ.)**

ରାଇକିଆ ବ୍ଲକରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପଞ୍ଚାୟତରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନ ତରଫରୁ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୫ଟି ଗ୍ରାମ ବାତ୍ୟାରେ ପ୍ରଭାବିତ ହେବା ସମ୍ଭାବନା ଥିବା ଚିହ୍ନଟ କରାଯାଇଛି। ବିପଦପୂର୍ଣ୍ଣ ଅବସ୍ଥାରେ କିମ୍ବା ମାଟି ଘରେ ରହୁଥିବା ୧୦୦୦ ଲୋକଙ୍କୁ ଏହି ସବୁ ଗ୍ରାମରୁ ନିକଟତମ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ ମଧ କରାଯାଇଛି । ଫାଇଲିନ, ହୁଡ଼ହୁଡ଼, ତିତ୍‌ଲି ବାତ୍ୟାରେ ରାଇକିଆ ବ୍ଲକ ପ୍ରଭାବିତ ହୋଇଥିଲା । ସେହିପରି ତିତ୍‌ଲିରେ ମଧ ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତର ଲୋକେ ପ୍ରଭାବିତ ହୋଇଥିଲେ । ବାତ୍ୟା ପରବର୍ତ୍ତୀ ଲଗାଣ ବର୍ଷାରେ ବିଭିନ୍ନ ସ୍ଥାନରେ ପୋଲ ଧୋଇଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏ ନେଇ ମଧ ସଂପୃକ୍ତ ବିଭାଗ ସହିତ ପ୍ରାକ ପ୍ରସ୍ତୁତି ପାଇଁ ଆଲୋଚନା କରାଯାଇଛି ।

### ତହସିଲ କାର୍ଯ୍ୟାଳୟରେ ଖୋଲିଲା କଣ୍ଟ୍ରୋଲ ରୁମ୍

**ଜି.ଉଦୟଗିରି,୨।୫(ଡି.ଏନ.ଏ.)**

ବାତ୍ୟା ଫନୀକୁ ମୁକାବିଲା କରିବା ନିମନ୍ତେ ଜି.ଉଦୟଗିରି ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଠାରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ତହସିଲ କାର୍ଯ୍ୟାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ସମସ୍ତ କର୍ମଚାରୀ ହେଡକ୍ୱାଟରରେ ଉପସ୍ଥିତ ରହିବାକୁ ଜଣାଇ ଦିଆଯାଇଥିବା ତହସିଲଦାର ଭିକାରୀ ସାହୁ କହିଛନ୍ତି । ରେଡ଼ାସିଙ୍ଗ ସେବାଶ୍ରମ ସ୍କୁଲ, କଟାବାଲି ସ୍କୁଲ, କିଲାପାଙ୍ଗୀ ସ୍କୁଲ, ସୁଜେଲୀ ସ୍କୁଲ ଓ କାମ୍ବାନାଯୁ ସ୍କୁଲଠାରେ ଆଶ୍ରୟସ୍ଥଳ ଖୋଲାଯାଇଛି। ଗୁରୁବାର ଅପରାହ୍ନ ସୁଦ୍ଧା ଖାଲୁଆ ଅଞ୍ଚଳ ଓ କଚା ଘରେ ରହୁଥିବା ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆଶ୍ରୟସ୍ଥଳକୁ ଅଣାଯାଇଥିବା ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି। ଜି.ଉଦୟଗିରି ସହରର ଖାଲୁଆ ଅଞ୍ଚଳରୁ ମଧ ଅନେକ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି । ବର୍ତ୍ତମାନ ସୁଦ୍ଧା ୭ ଆଶ୍ରୟସ୍ଥଳ ଖୋଲାଯାଇଛି।

### ୫୩୫ ପରିବାରକୁ ସ୍ଥାନାନ୍ତର ବ୍ୟବସ୍ଥା

**ଦାରିଙ୍ଗବାଡି,୨।୫(ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ୫୩୫ ପରିବାରର ପ୍ରାୟ୨୧ଶହ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ନିକଟସ୍ଥ ଆଶ୍ରୟସ୍ଥଳୀକୁ ଅଣାଯିବା ପାଇଁ ବ୍ୟବସ୍ଥା ହୋଇଛି। ସନ୍ଧ୍ୟାସୁଦ୍ଧା ସମସ୍ତଙ୍କୁ ଆଶ୍ରୟସ୍ଥଳୀକୁ ଅଣାଯିବାକୁ ଥିବା ବେଳେ ଘର ଛାଡି ନ ଯିବାକୁ କେତେକ ଲୋକେ ଅମଙ୍ଗ ହେଉଥିବାରୁ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଅନ୍ୟପକ୍ଷରେ ସମସ୍ତ ପର୍ଯ୍ୟଟକଙ୍କୁ ଦାରିଙ୍ଗବାଡି ଛାଡିବାକୁ କୁହାଯିବା ସହ ପର୍ଯ୍ୟଟନ କେନ୍ଦ୍ର କଫି ବଗିଚା ସମେତ ମିଡିୟୁବାନ୍ଧା ୱାଟର ଫଲ୍, ନେଚରପାର୍କ, ହିଲ୍‌ଭିୟୁ ପାର୍କ ଭିତରକୁ ପର୍ଯ୍ୟଟକଙ୍କୁ ୪ ତାରିଖ ପର୍ଯ୍ୟନ୍ତ ଛଡା ନଯିବା ପାଇଁ ମୁଖ୍ୟ ଫାଟକଗୁଡିକରେ ତାଲା ପକାଯାଇଛି। ଜିଲାପାଳ ଡ. ବୃନ୍ଦା ଡିଙ୍କ ନିର୍ଦ୍ଦେଶ ପ୍ରକାରେ ଏପରି କରାଯାଇଛି। ସେହିପରି ସମସ୍ତ ଆଶ୍ରୟସ୍ଥଳୀରେ ନୋଡାଲ ଅଫିସରଙ୍କୁ ନିୟୋଜିତ କରାଯିବା ସହ ସମସ୍ତ ବିଭାଗର ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫୁଲବାଣୀରୁ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଦାରିଙ୍ଗବାଡିରେ ପହଞ୍ଚି ବାତ୍ୟା ମୁକାବିଲା ପାଇଁ ସମୀକ୍ଷା କରିବା ସହ ଆଶ୍ରୟସ୍ଥଳୀଗୁଡିକ ବୁଲି ଦେଖିଛନ୍ତି।

## ଆବଶ୍ୟକ ରୋଷେଇ ଖାଦ୍ୟ ମହଜୁଦ୍ ରହିବ

# 'ଫନୀ' ମୁକାବିଲା ପାଇଁ ମନ୍ତ୍ରୀଙ୍କ ସମୀକ୍ଷା


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମୀକ୍ଷା କରୁଛନ୍ତି।

**ଭଞ୍ଜନଗର,୨।୫(ଡି.ଏନ.ଏ)**

ଗତ ତିତ୍‌ଲି ପରବର୍ତ୍ତୀ ବନ୍ୟା ସମୟରେ କେତକ ସ୍ଥାନରେ ପ୍ରଶାସନର ଅବହେଳା ଯୋଗୁ ଲୋକେ ଖାଇବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟାର ସମ୍ମୁଖିନ ହୋଇଥିଲେ। 'ଫନୀ' ସମୟରେ ଲୋକେ ଯେଭିଳ କୌଣସି ଅସୁବିଧାର ସମ୍ମୁଖିନ ନହେବେ ସେନେଇ ଗୁରୁବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଉଥିବା ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉ। ଏଥିସହ ରନ୍ଧା ଓ ଶୁଖିଲା ଖାଦ୍ୟ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ମହଜୁଦ୍ ରଖାଯାଉ। ବିଜୁଳି, ପାଣି, ଟେଲିଫୋନ, ଗମନାଗମନ ସେବା ବାତ୍ୟା ଚାଲିଯିବା ପରେ ତୁରନ୍ତ କିଭଳି ସ୍ୱାଭାବିକ ହୋଇପାରିବ ସେ ଉପରେ ମନ୍ତ୍ରୀ ଆଲୋଚନା କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀଙ୍କୁ ଲୋକଙ୍କୁ ଆଣିବା ପାଇଁ ଭଞ୍ଜନଗର ବ୍ଲକ ପକ୍ଷରୁ ୭ଟି ବସ୍ କରାଯାଇଛି। ଆବଶ୍ୟକସ୍ଥଳେ ଅଧିକ ଗାଡ଼ି ବ୍ୟବହାର କରାଯିବ। ଯେଉଁମାନେ ଆସିବାକୁ ଅନିଚ୍ଛୁକ ସେମାନଙ୍କୁ ଜବରଦସ୍ତ ଉଠାଇ ଆଣିବା ଯୋଜନା କରାଯାଉଛି। ମଧ୍ୟାହ୍ନ ଭୋଜନ ଏବଂ ପଞ୍ଚାୟତ ଗୁଡ଼ିକରେ ମହଜୁଦ ଥିବା ଚାଉଳକୁ ବର୍ତ୍ତମାନ ରନ୍ଧା ଖାଦ୍ୟ ଭାବେ ବ୍ୟବହାର କରାଯିବ। କଳିଙ୍ଗପଦର, ପଟ୍ଟାଙ୍ଗୀ ପ୍ରମୁଖ ଅଞ୍ଚଳରେ ନଦୀ ଆଡ଼ିବନ୍ଧ ଦୁର୍ବଳ ଅଛି, ତାହାର ତୁରନ୍ତ ପୁନରୁଦ୍ଧାର କରାଯିବ। ଭଞ୍ଜନଗର ସହରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନାହିଁ। ହଠାତ୍ ଅଧିକ ବର୍ଷା ହେଲେ ବନ୍ୟା ସମସ୍ୟା ବଢ଼ିଯାଉଛି। ତେଣୁ ଗୁରୁବାର ରାତି ସୁଦ୍ଧା ଏଥିରେ ସୁଧାର ଆଣିବାକୁ ଆଲୋଚନା ହୋଇଥିଲା। ବର୍ତ୍ତମାନ ଭଞ୍ଜନଗର, ଡ଼ହ ଓ ସୋରଡ଼ା ଜଳଭଣ୍ଡାରରେ ବହୁତ୍ କମ ପାଣି ଅଛି। ଅଧିକ ବର୍ଷା ହେଲେ ତାହାର କିଭଳି ମୁକାବିଲା କରାଯିବ ସେନେଇ ବିଭାଗୀୟ ଯନ୍ତ୍ରୀ କହିଥିଲେ। ବୈଠକରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ବିଡ଼ିଓ ଅନିଲ କୁମାର ସେଠୀ, ତହସିଲଦାର ଦୀନମଣି ନାୟକ, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ, ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ନିହାର ରଞ୍ଜନ ସାମନ୍ତରାୟଙ୍କ ସମେତ ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ସୁରକ୍ଷିତ ସ୍ଥାନକୁ ଆସିଲେ ପାହାଡ଼ ଉପର ଗ୍ରାମବାସୀ

**ପାତ୍ରପୁର,୨।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ' ପ୍ରଭାବରେ ପାତ୍ରପୁର ବ୍ଲକରେ ଗୁରବାର ସକାଳୁ ପବନ ସହ ଲଗାଣ ବର୍ଷା ଆରମ୍ଭ ହୋଇଛି। ସୁରକ୍ଷା ଦୃଷ୍ଟିରୁ ତୁରୁବୁଡ଼ି ପଞ୍ଚାୟତ ନୂଆଗଡ଼ଠାରେ ଥିବା ବାଘଲଟି ଜଳଭଣ୍ଡାରରୁ ୩ ଗେଟ ଦେଇ ବର୍ଷାଜଳ ନିଷ୍କାସନ କରାଯାଉଛି । ତିତ୍‌ଲିରେ ବ୍ଲକ ଅଞ୍ଚଳର ପାହାଡ଼ ଉପରେ ଥିବା ଆଦିବାସୀ ଇଲାକାରେ ୯ ଜଣଙ୍କ ମୃତ୍ୟୁ ହେଇଥିଲା। ପ୍ରଶାସନ ଅବହେଳାରୁ ଏପରି ହେଲା ବୋଲି ସେ ମସୟରେ ଅଭିଯୋଗ ହେଇଥିଲା । ତେଣୁ ଫନୀ ପୂର୍ବରୁ ପାହାଡ଼ ଉପରେ ଥିବା ଆଦିବାସୀମାନଙ୍କ ପାଇଁ ପ୍ରଶାସନ ଆଗୁଆ ପଦକ୍ଷେପ ନେଇଛି। ଆଙ୍କୁଲି ପଞ୍ଚାୟତ ତାଡ଼କାସାହି ଠାରେ ଥିବା ବାଳିକା ଆଶ୍ରମ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଓ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ବୁରାତାଲ ହାଇସ୍କୁଲ, ପୁରିଆସାହି, ତୁମ୍ବା ପଞ୍ଚାୟତର ସୁନାରୀବାଡ଼, ହାଇସ୍କୁଲ, ଗୌଡୁଣି ଆଶ୍ରମ ସ୍କୁଲ ଆଶ୍ରୟସ୍ଥଳୀରେ ପାହାଡ଼ ଉପରେ ଥିବା ମାରମାରିଆ, ମହାଲିମ୍ବ, ଅଳଅର, ଧାନବାଡ଼, ଚରିଆବାଡ଼, ଜଳିଅର, ଜୁବାସାହି, ମହୁଲବାଡ଼, ମାଡୁଆଗୁମା, ଡ଼ାବୁଥଳି, ମାଡୁଆ, ହଳଦିବାଡ଼, ଗାଇଡ଼ା ଆଦି ସମସ୍ତ ଗ୍ରାମରୁ ୩,୧୫୦ ଜଣଙ୍କୁ ବସ ଓ ଟ୍ରାକ୍ଟର ଯୋଗେ ତଳକୁ ଆଣି ଆଶ୍ରୟସ୍ଥଳୀରେ ରଖାଯାଇଛି । ସମସ୍ତ କେନ୍ଦ୍ରରେ ରନ୍ଧାଖାଦ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ବ୍ଲକରେ ୧୬ ଗର୍ଭବତୀ, ୭ ପ୍ରସୂତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଏବିଡ଼ିଓ ସଞ୍ଜୀବ ରାଜ ସେନାପତି ସୂଚନା ଦେଇଛନ୍ତି ।

### ସ୍ଥାନାନ୍ତର ହେବେ ୨୯, ୩୩୫ ଲୋକ

**ଚିକିଟି,୨।୫(ଡି.ଏନ.ଏ.)**

ଆସୁଛି ଫନୀ। ଏଥିପାଇଁ ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ଓ ତହସିଲ୍ ପ୍ରଶାସନ ପକ୍ଷରୁ ବୁଧବାର ବ୍ଲକ୍‌ରେ ସମ୍ଭାବ୍ୟ ବାତ୍ୟାକୁ କିଭଳି ମୁକାବିଲା କରାଯିବ ସେନେଇ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଗଞ୍ଜାମ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ପ୍ରଥମେ ଲୋକଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ସମୁଦ୍ର ଉପକୂଳବର୍ତ୍ତୀ ଏବଂ ତଳିଆ ଅଞ୍ଚଳରେ ଥିବା ୨୫ ପ୍ରଭାବିତ ଗ୍ରାମର ୨୯,୩୩୫ ଲୋକଙ୍କୁ କିପରି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ସେନେଇ ଗୁରୁତ୍ୱ ଦିଆଯାଇଥିଲା। ସାମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବା ପାଇଁ ପଦକ୍ଷେପ ନିଆଯାଇଥିବା ବିଷୟରେ ବିଭିନ୍ନ ବିଭାଗ ଅଧିକାରୀମାନେ ଆଲୋଚନା କରିଥିଲେ। ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ସହିତ ବିଭିନ୍ନ ସାମଗ୍ରୀ ମହଜୁଦ ରଖାଯାଇଥିବା କୁହାଯାଇଥିଲା। ଉକ୍ତ ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ, ଚିକିଟି ବିଡିଓ ଫାଲ୍‌ଗୁନି ମାଝି, ତହସିଲଦାର ହରପ୍ରସାଦ ଭୋଇ, ସିଡିପିଓ ମାଧୁରୀ ପାତ୍ରୀଙ୍କ ସମେତ ବ୍ଲକ ଓ ତହସିଲ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଘୋଡାହାଡ ଡ୍ୟାମର ୪ ଗେଟ୍ ଖୋଲିଲା

**ଦିଗପହଣ୍ଡି,୨।୫(ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବକୁ ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବା ଆଶଙ୍କାକୁ ଦୃଷ୍ଟିରେ ରଖି ବନ୍ୟା ମୁକାବିଲା ପରିଚାଳନା ନିମନ୍ତେ ଦିଗପହଣ୍ଡି ବ୍ଲକ ଘୋଡ଼ାହାଡ଼ ଡ୍ୟାମର ୪ ଗେଟ ବୁଧବାର ରାତି ୮ଟାରେ ଖୋଲି ଦିଆଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ଥିବା ବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ଡ୍ୟାମର ଜଳପତ୍ତନ ୧୧୫.୭୩ ମିଟର ରହିଥିଲା। ରାଜ୍ୟ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କ ସୂଚନାକ୍ରମେ ଡ୍ୟାମରୁ ୫୦ ପ୍ରତିଶତ ଜଳ ଘୋଡ଼ାହାଡ଼ ନଦୀ ମଧକୁ ଛାଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଉପ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରମୋଦ କୁମାର ପଣ୍ଡା କହିଛନ୍ତି।

# ଦୋକାନ ବଜାର ଖାଲି କଲେ ବ୍ୟବସାୟୀ

**ଆସିକା,୨।୫(ଡି.ଏନ୍.ଏ.)**

ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ଆସିକା ସହରର କଳିଙ୍ଗା ରୋଡ, ବସଷ୍ଟାଣ୍ଡ, ଲକ୍ଷ୍ମୀ ବଜାର, ବିନାୟକ ବଜାର, ବାଣୀବିହାର ଆଦି ଅଞ୍ଚଳର ବ୍ୟବସାୟୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେ। ଫଳରେ ଫନୀକୁ ନେଇ ଏମାନଙ୍କ ମଧ୍ୟରେ ଆତଙ୍କ ଦେଖା ଦେଇଛି। ବୁଧବାର ରାତିରୁ ହିଁ ଏହି ଅଞ୍ଚଳର ବ୍ୟବସାୟୀମାନେ ଦୋକନ ବଜାର ଜିନିଷ ଖାଲି କରି ଉଚ୍ଚସ୍ଥାନକୁ ନେବାରେ ଲାଗିଛନ୍ତି। ବୁଧବାର ସନ୍ଧ୍ୟାରୁ ଆଗତ ପରିସ୍ଥିତିରେ ବିପନ୍ନଙ୍କୁ ସହାୟତା ନିମନ୍ତେ ୨୨ ଜଣିଆ ଏକ ଏନ୍‌ଡିଆର୍‌ଏଫ ଓ ୨୦ ଜଣିଆ ଫାୟାର୍ ବ୍ରିଗେଡ୍ ଦଳ ଆସିକାରେ ପହଞ୍ଚିଛନ୍ତି। ଅପରପକ୍ଷେ ବାତ୍ୟା ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ମଧ ଉଦ୍ୟମ ଜୋର୍‌ଦାର୍ କରାଯାଇଛି। ଆସିକା ବ୍ଲକର ୨୭ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକ ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ୨୭ ଉଦ୍ଧାରକାରୀ ଦଳ ଗଠନ କରାଯାଇଛି। ଏହି ଦଳ ଖାଲୁଆ ଓ ବସ୍ତି ଅଞ୍ଚଳର ଜନସାଧାରଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳିକୁ ଆଣି ଥଇଥାନ କରିବେ। ୨୭ ଦଳର କାର୍ଯ୍ୟ ତଦାରଖ ଲାଗି ବ୍ଲକ୍ ସ୍ତରରେ କନିଷ୍ଠ ଯନ୍ତ୍ରୀ, ସହକାରୀ କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କୁ ନେଇ ୭ ତଦାରଖକାରୀ ଦଳ ଗଠନ କରାଯାଇଛି। ଗୁରୁବାର ଅପରାହ୍ନ ସୁଦ୍ଧା ଆସିକା ବ୍ଲକର ୨୭ ପଞ୍ଚାୟତରେ ଖୋଲାଯାଇଥିବା ୧୨୦ ଆଶ୍ରୟସ୍ଥଳିରେ ୪ହଜାର ୯୯୫ ଜଣଙ୍କୁ ଏବଂ ଆସିକା ଏନ୍‌ଏସିର ୬ ଥଇଥାନ କେନ୍ଦ୍ରରେ ୮ଶହ ଜଣ ଖାଲୁଆ ଅଞ୍ଚଳର ବାସିନ୍ଦା ପହଞ୍ଚିଥିବା ଜଣାଯାଇଛି। ଗୁରୁବାର ରାତିରୁ ରନ୍ଧା ଖାଦ୍ୟ ଦିଆଯିବା ବ୍ୟବସ୍ଥା କରାଯାଇଥିବା ବିଡିଓ ଗାୟତ୍ରୀଦତ୍ତ ନାୟକ ସୂଚନା ଦେଇଛନ୍ତି। ଆସିକା ବ୍ଲକ୍ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲା ଯାଇଥିବାବେଳେ ବିଡିଓ ନାୟକ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରୁଛନ୍ତି। ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ପିଡି ଡିଆର୍‌ଡିଏ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପହଞ୍ଚି ସମୀକ୍ଷା କରିଛନ୍ତି। ଇଂ. ସ୍ୱାଇଁ ଆସିକାରେ ରହି ଏହି ପରିସ୍ଥିତି ନିୟନ୍ତ୍ରଣ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ଆସିକା ସହରର ମୁଖ୍ୟ ଜଳନିଷ୍କାସନ ପଥ ଟିପିସର ନାଳ ଉପରେ ଦୀର୍ଘଦିନ ଧରି ଅବରୋଧ ହୋଇ ରହିଥିବା ଗଛକୁ ହଟାଇ ଦିଆଯାଇଥିଲା ବେଳେ ଆସିକା ବ୍ଲକର ଧନିଜା ନିକଟ ଦୁର୍ବଳ ବଡନଦୀ ହିଡକୁ ଗୁରୁବାର ମରାମତି କରାଯାଇଛି। ଆସିକା ବ୍ଲକର ଚଢିଆପଲ୍ଲୀ, ମଙ୍ଗଳପୁର, ଗଙ୍ଗାପୁର, ଦେବଭୂମି, ନଳବଣ୍ଟା, କାଳଖଣ୍ଡପୁର, ଆଲିପୁର, ସିଦ୍ଧନଇ, ବଡଖୋଲି, ବାଲିଛାଇ, ବେଣାପାଟ, କମାଗଡ, ଗହଙ୍ଗୁ ଆଦି ପଞ୍ଚାୟତରେ ଏହାର ପ୍ରଭାବ ଅଧିକ ରହିବା ଆଶା କରାଯାଇ ସଂପୃକ୍ତ ପଞ୍ଚାୟତ ଲାଗି ସ୍ୱତନ୍ତ୍ର ଧାନ ଦିଆଯାଇଥିବା ଜଣାଯାଇଛି।



ଲକ୍ଷ୍ମୀ ବଜାରରେ ବ୍ୟବସାୟୀମାନେ ଦୋକାନ ଖାଲି କରୁଛନ୍ତି।

**'ଫନୀ' ଆତଙ୍କ ବଢୁଛି**
- ଆଶ୍ରୟସ୍ଥଳୀରେ ପହଞ୍ଚିଲେ ୫ହଜାରରୁ ଉର୍ଦ୍ଧ୍ୱ ଲୋକେ
- ଆସିକାରେ ପହଞ୍ଚିଲେ ଏନ୍‌ଡିଆର୍‌ଏଫ ଓ ଫାୟାର ବ୍ରିଗେଡ୍

## ସଂକ୍ଷେପରେ

### ଗଞ୍ଜେଇ ଚୋରା ଚାଲାଣ ମାମଲା
## ୨ ଯୁବକଙ୍କୁ ୧୫ ବର୍ଷ ଲେଖାଏ ଜେଲ, ଲକ୍ଷେ ଟଙ୍କା ଜରିମାନା

**ବ୍ରହ୍ମପୁର ଅଫିସ,୨।୫:** ଏକ ଗଞ୍ଜାଇ ଚୋରା ଚାଲାଣ ମାମଲାର ବିଚାର କରି ବୁଧବାର ଅତିରିକ୍ତ ଜିଲା ଦୌରା ଜଜ-୧ ସଞ୍ଜୟ କୁମାର ସାହୁ ଦୁଇ ବିହାରୀ ଯୁବକଙ୍କୁ ୧୫ ବର୍ଷ ଲେଖାଏ ଜେଲଦଣ୍ଡ ରାୟ ଶୁଣାଇଛନ୍ତି। ଏହା ସହିତ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତ ଦ୍ୱୟ ବର୍ଷେ ଲେଖାଏ ଅଧିକ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ରହିଛି । ଅଭିଯୁକ୍ତମାନେ ହେଲେ ବିହାର ସମସ୍ତିପୁରର ରାଜୀବ କୁମାର ସାହା (୨୬), ନନ୍ଦ ରାମ (୩୦) ।

ପ୍ରକାଶ ଯେ, ୨୦୧୬ ଜାନୁୟାରୀ ୩୧ ତାରିଖ ଗୋଳନ୍ଥରା ପୋଲିସ ଗିରିସୋଲାରେ ଗାଡି ଯାଞ୍ଚ କରୁଥିବା ବେଳେ ଏକ କାର (ନଂ ଡ଼ିଏଲ୦୪ସିଆରଏଚ୬୪୫୮)କୁ ଅଟକାଇ କାଗଜପତ୍ର ଦେଖାଇବାକୁ କହିଥିଲା। ଯାଞ୍ଚ ବେଳେ ଉକ୍ତ କାରରେ ଗଞ୍ଜେଇ ଭର୍ତ୍ତି ହୋଇ ଚୋରାଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। କାର ଭିତରୁ ୫ଟି ଜରି ଅଖାରେ ଥିବା ୧୬୫ କେ.ଜି. ଗଞ୍ଜେଇ ପୋଲିସ ଜବତ କରିଥିଲା। ଗଜପତି ଅଞ୍ଚଳରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ବିହାର ଚୋରାଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ଗାଡି ଭିତରେ ଥିବା ରାଜୀବ ଓ ନନ୍ଦଙ୍କୁ ଗିରଫ କରିଥିଲା । ନଂ. ୧୫/୧୬ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିଲା ।

୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଅନିଲ କୁମାର ସାହୁ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପରିକ୍ଷୀତ ପଣ୍ଡା ମକଦମା ପରିଚାଳନା କରିଥିଲେ ।

## ପେଟ୍ରୋଲ୍ ପମ୍ପରେ ପ୍ରବଳ ଭିଡ଼



**ବ୍ରହ୍ମପୁର ଅଫିସ୍,୨।୫:** ବ୍ରହ୍ମପୁର ସହରବାସୀଙ୍କ ମଧ୍ୟରେ ବାତ୍ୟା ଫନୀକୁ ନେଇ ଭୟ ବଢ଼ିବାରେ ଲାଗିଛି । ଏହାର ପ୍ରଭାବ ବଜାରରେ ମଧ୍ୟ ଦେଖିବାକୁ ମିଳୁଛି। ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରରେ ଲୋକମାନଙ୍କ ଭିଡ଼ ବଢୁଥିବା ଦେଖାଦେଇଛି । ସେହିଭଳି ପେଟ୍ରୋଲ୍ ପମ୍ପଗୁଡ଼ିକରେ ବୁଧବାରଠାରୁ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ବାତ୍ୟା ପରେ ପେଟ୍ରୋଲ୍ ଅଭାବ ଆଶଙ୍କାରେ ଲୋକମାନେ ନିଜ ଯାନରେ ପେଟ୍ରୋଲ୍ ପକାଉଛନ୍ତି । ଅନେକ ପେଟ୍ରୋଲ୍ ପମ୍ପରେ ଏହାକୁ ନେଇ ଉତ୍ତେଜନା ମଧ୍ୟ ଦେଖାଦେଇଥିଲା ।

### ଫନୀ ମୁକାବିଲାର ସମୀକ୍ଷା କଲେ ଆଇଜି ଅମିତାଭ ଠାକୁର
# 'ବାତ୍ୟା ଅଭିଜ୍ଞତାକୁ ବ୍ୟବହାର କର'

**ବ୍ରହ୍ମପୁର ଅଫିସ୍,୨।୫**

ସାମୁଦ୍ରିକ ଝଡ଼ 'ଫନି' ଏବଂ ପରବର୍ତ୍ତୀ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା କାର୍ଯ୍ୟ ତଦାରଖ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବରିଷ୍ଠ ଆଇପିଏସ୍ ଅଧିକାରୀମାନଙ୍କୁ ବିଭିନ୍ନ ଜିଲାକୁ ପଠାଯାଇଛି। ପୋଲିସ ମୁଖ୍ୟାଳୟ ଆଇନ ଶୃଙ୍ଖଳା ଆଇଜି ଅମିତାଭ ଠାକୁରଙ୍କୁ ଗଞ୍ଜାମ ଜିଲା ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ଠାକୁର ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସିଛନ୍ତି। ପ୍ରଥମେ ସେ ଉପକୂଳବର୍ତ୍ତୀ ଅଞ୍ଚଳକୁ ପରିଦର୍ଶନରେ ଯାଇଥିଲେ। ବଡ଼ ଆର୍ଯ୍ୟପଲ୍ଲୀ ଏବଂ ଉପକୂଳ ଥାନାକୁ ଯାଇ ସ୍ଥିତି ଦେଖିଥିଲେ। ପରେ ଗଞ୍ଜାମ ପୋଲିସ ଜିଲା ମୁଖ୍ୟାଳୟରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ବୈଠକରେ ମୁକାବିଲା ସ୍ଥିତି ସମୀକ୍ଷା କରିଥିଲେ। ପରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆଉ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଜି ଠାକୁରଙ୍କ ସମେତ ବ୍ରହ୍ମପୁର ଏସ୍ପି ପିନାକ ମିଶ୍ର ଏବଂ ଗଞ୍ଜାମ ଏସ୍ପି ବ୍ରିଜେଶ ରାୟ ଯୋଗ ଦେଇଥିଲେ। ବ୍ରହ୍ମପୁର ପୋଲିସ ଜିଲାର ବହୁ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

ସମୀକ୍ଷା ସମ୍ପର୍କରେ ସୂଚନା ଦେଇ ଠାକୁର କହିଥିଲେ, ଗତ କିଛି ବର୍ଷ ଭିତରେ ଗଞ୍ଜାମ ଜିଲା ଗୋଟିଏ ପରେ ଗୋଟିଏ ବାତ୍ୟା ଏବଂ ବନ୍ୟାର ସମ୍ମୁଖୀନ ହୋଇଛି। ଫାଇଲିନ୍, ଡାଏ, ହୁଡ୍‌ହୁଡ୍ ଏବଂ ଗତ ବର୍ଷ ତିତ୍‌ଲି । ବାରମ୍ବାର ବନ୍ୟା ବାତ୍ୟାର ସମ୍ମୁଖୀନ ହେଉଥିବା ଯୋଗୁ ଏହାର ସଫଳ ମୁକାବିଲା କିଭଳି କରାଯାଇପାରିବ, ସେନେଇ ମଧ୍ୟ ଅଧିକାରୀମାନେ ବିଶେଷ ଅଭିଜ୍ଞ ହୋଇଗଲେଣି। ଏଣୁ ପୂର୍ବଥରଗୁଡ଼ିକରେ ଯେଉଁ ଅଭିଜ୍ଞତା ମିଳିଛି, ତାହାକୁ 'ଫନୀ' ମୁକାବିଲାରେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଉଭୟ ଏସ୍ପି ସେମାନଙ୍କ ଅଧୀନରେ ଥିବା ଥାନାଗୁଡ଼ିକ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଥାନା ଅଧିକାରୀଙ୍କ ସହ ଉଭୟ ଏସ୍ପି ଆଲୋଚନା କରିଛନ୍ତି। ସମସ୍ତ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସତର୍କ ରହିବାକୁ କୁହାଯାଇଛି। ଉପକୂଳ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରୁ ଲୋକଙ୍କୁ ସ୍ଥାନାନ୍ତର ଦିଗରେ ପୋଲିସ ସହଯୋଗ କରୁଛି। ପ୍ରତ୍ୟେକ ଥାନାକୁ ଅଧିକ ଗାଡ଼ି ପ୍ରଦାନ କରାଯାଇଛି । ଓଡ୍ରାଫ୍‌ର ଦୁଇଟି ଏବଂ ଏନ୍‌ଡିଆର୍‌ଏଫ୍‌ର ଦୁଇଟି ଟିମ୍ ଗଞ୍ଜାମ ଜିଲାକୁ ଦିଆଯାଇଛି। ସେମାନଙ୍କ ସହ ପୋଲିସ ନିୟମିତ ଯୋଗାଯୋଗରେ ରହୁଛି। ପୋଲିସ ପାଖରେ ବୋଟ୍ ମଧ୍ୟ ରହିଛି। ଥାନା ନ ଛାଡ଼ିବାକୁ ପୋଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନାନ୍ତର ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ବ୍ୟବହାର କରାଯିବ। ବିଜୁ ଯୁବ ବାହିନୀର ସହଯୋଗ ମଧ୍ୟ ନିଆଯିବ। ପ୍ରାୟ ୨ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଅନୁମାନ କରାଯାଉଛି ।

ଅନ୍ୟପଟେ ଗତ ପୂର୍ବରୁ ଦେଖିବାକୁ ମିଳିଥିଲା ଯେ, ଏଭଳି ଏକ ବିପର୍ଯ୍ୟୟ ସମୟରେ କେତେକ ବ୍ୟକ୍ତି ଅଯଥାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସେମାନେ ବିଭିନ୍ନ ପ୍ରକାର ଅସୁବିଧାକୁ ନେଇ ରାସ୍ତା ଅବରୋଧ କରିବା ସହ ପ୍ରଶାସନ ଏବଂ ପୋଲିସକୁ ଅସହଯୋଗ କରୁଛନ୍ତି। ଯଦି କୌଣସି ବ୍ୟକ୍ତି ଏଭଳି କାର୍ଯ୍ୟ କରନ୍ତି, ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଜି ଠାକୁର ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମପୁର ଏସ୍ପି ପିନାକ ମିଶ୍ର କହିଥିଲେ, ବ୍ରହ୍ମପୁର ପୋଲିସ ଜିଲାର ତିନିଟି ଥାନା ଯଥା ଗୋପାଳପୁର, ଗୋଳନ୍ଥରା ଏବଂ ଚିକିଟି ଆଦି ଅଞ୍ଚଳ ବାତ୍ୟାରେ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହି ସବୁ ଥାନାର ଆଇଆଇସିମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ଜେନେରେଟର୍ ବ୍ୟବସ୍ଥା ସହ ମୋବାଇଲ୍ ଫୋନକୁ ଚାର୍ଜ କରିବା, ପ୍ରଚୁର ପାନୀୟ ଜଳ ମହଜୁଦ ରଖିବା, କଟର୍ ଏବଂ ଆସ୍କା ଲାଇଟ୍ ରଖିବାକୁ କୁହାଯାଇଛି ବୋଲି ଏସ୍ପି ମିଶ୍ର ପ୍ରକାଶ କରିଥିଲେ । ଏହି ବୈଠକରେ ଅତିରିକ୍ତ ଏସ୍ପି ଜୟନ୍ତ କୁମାର ମହାପାତ୍ର, ଡିଏସ୍ପି ଜେ.କେ. ପଟ୍ଟନାୟକ, ଅଜୟ ମିଶ୍ର, ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ଡିଏସ୍ପି ରାମକୃଷ୍ଣ ପତିଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ ।


ବୈଠକରେ ବରିଷ୍ଠ ପୋଲିସ ଅଧିକାରୀମାନେ ।

- ସଜାଗ ରହିବାକୁ ଆଇଆଇସିଙ୍କୁ ନିର୍ଦ୍ଦେଶ
- ଉଦ୍ଧାର କାର୍ଯ୍ୟରେ ସ୍ୱେଚ୍ଛାସେବୀଙ୍କୁ ସାମିଲ୍ କରାଯିବ
- ବିଶୃଙ୍ଖଳା ସୃଷ୍ଟିକାରୀ ତୁରନ୍ତ ଗିରଫ ହେବେ

### ବାତ୍ୟା ଡରରେ ବିତୁଛି ଜୀବନ : ଉତ୍ତରାମୁଖୀ ବସ୍ତିବାସିନ୍ଦାଙ୍କ ଅଭିଯୋଗ
# ହସ୍ତାନ୍ତର ହେଉନି ସ୍ଥାୟୀ ଆରଏୱାଇ ଗୃହ

**ବ୍ରହ୍ମପୁର ଅଫିସ୍,୨।୫**

ବ୍ରହ୍ମପୁର ସହରର ବସ୍ତିବାସିନ୍ଦାଙ୍କୁ ଏବେ ଘାରିଛି ବାତ୍ୟା ଡର । ଏଯାଏଁ ତିତଲି, ଫାଇଲିନ ବାତ୍ୟାର ଭୟ ମନରୁ ଲିଭି ନ ଥିବା ବେଳେ ପୁଣି ଏବେ ଭୟଭୀତ କରିଛି ବାତ୍ୟା 'ଫନୀ' । ତେବେ ବାତ୍ୟା ପୂର୍ବରୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଉଛି। କିନ୍ତୁ ରାଜୀବ ଆବାସ ଯୋଜନା ସ୍ଥାୟୀ ଗୃହ ପ୍ରଦାନ ନେଇ ଦାବି କରାଯାଇ ଆସୁଥିଲେ ମଧ ଏଥିପ୍ରତି ବିଏମ୍‌ସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନାହାନ୍ତି । ଏଭଳି ଅଭିଯୋଗ କରିଛନ୍ତି ବ୍ରହ୍ମପୁର ମହାନଗର ନିଗମ ୧ନଂ. ୱାର୍ଡ ଅନ୍ତର୍ଗତ ଉତ୍ତରାମୁଖୀ ବସ୍ତିବାସିନ୍ଦା। ରାଜୀବ ଆବାସ ଗୃହ ପାଇବା ପାଇଁ ଆଲଟ୍‌ମେଣ୍ଟ ଅର୍ଡର ମିଳିବା ସତ୍ତ୍ୱେ ଗୃହପ୍ରଦାନ ପାଇଁ ଋଣ ଦେବାରେ ଅବହେଳା କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ଗୁରୁବାର ଏନେଇ ବସ୍ତିବାସୀନ୍ଦା ବିଏମସିରେ ହୋ ହାଲ୍ଲା କରିଛନ୍ତି । ତୁରନ୍ତ ସ୍ଥାୟୀ ରାଜୀବ ଅବାସ ଗୃହ ହସ୍ତାନ୍ତର କରାଯିବାକୁ ଦାବି କରି ସହକାରୀ ନିର୍ବାହୀଯନ୍ତ୍ରୀ ଏମ୍. ନାଗେଶ୍ୱର ସୁବୁଦ୍ଧିଙ୍କ ଅଫିସ ଆଗରେ ଲୋକେ ଧାରଣା ଦେଇଥିଲେ ।


ଉତ୍ତରାମୁଖୀ ବସ୍ତି।

ବସ୍ତିବାସିନ୍ଦାଙ୍କ କହିବା ପ୍ରକାରେ, ଗତ କିଛିମାସ ପୂର୍ବେ ବିଏମ୍‌ସି ପକ୍ଷରୁ ୭୦ ପରିବାରକୁ ଆଲଟମେଣ୍ଟ ଅର୍ଡର ଓ ଗୃହ ନଂ. ପ୍ରଦାନ କରାଯାଇଥିଲା। କିନ୍ତୁ ସେଥିରୁ କେବଳ ବ୍ୟାଙ୍କ ଋଣ ଜରିଆରେ ଗୃହ ବାବଦକୁ ଅର୍ଥ ଜମା କରିବା ପରେ ଆରଏୱାଇ ଘର ହସ୍ତାନ୍ତର କରାଯିବାକୁ କୁହାଯାଇଥିଲା । କିନ୍ତୁ ଆଲଟମେଣ୍ଟ ଅର୍ଡର ୭୦ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ବ୍ୟାଙ୍କ ଋଣ ଏଯାଏ ସମସ୍ତଙ୍କୁ ଦିଆ ଯାଇନାହିଁ। ଏପରିକି କେତେକ ବସ୍ତିବାସିନ୍ଦା ବ୍ୟାଙ୍କରୁ

#### ଋଣ ପ୍ରଦାନରେ କରାଯାଉଛି ବିଳମ୍ବ

ଋଣ ଆଣି ଡିପୋଜିଟ କରିବା ସହ ତାର ୩ ମାସର ଇନ୍‌ଷ୍ଟାଲମେଣ୍ଟ ବାନ୍ଧି ସାରିଛନ୍ତି। ତଥାପି ସେମାନଙ୍କୁ ଘର ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସମ୍ଭାବ୍ୟ ବାତ୍ୟା ପାଇଁ ସେହି ଆରଏୱାଇ ଘରକୁ ଅସ୍ଥାୟୀ ବାତ୍ୟାଆଶ୍ରୟସ୍ଥଳୀ ଭାବେ ସ୍ଥାନାନ୍ତର କରାଯାଉଛି । ତେଣୁ ବାତ୍ୟାରେ ସ୍ଥାନାନ୍ତର ପରିବର୍ତ୍ତେ ନିଜସ୍ୱ ସ୍ଥାୟୀ ଗୃହ ପ୍ରଦାନ କରାଯିବାକୁ ସେମାନେ ଦାବି କରିଥିଲେ ।

ନିର୍ବାଚନ ଆଚରଣ ବିଧି ଲାଗୁ ଯୋଗୁ ବ୍ୟାଙ୍କ ଋଣ ପ୍ରଦାନରେ ସମସ୍ୟା ଦେଖାଦେଇଛି । ଏବେ ବାତ୍ୟା ପାଇଁ ସମସ୍ତ ବସ୍ତିବାସିନ୍ଦାଙ୍କୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା କରାଯାଇଛି। ବାତ୍ୟା ପରେ ସମସ୍ତଙ୍କୁ ବ୍ୟାଙ୍କ ଋଣ ପ୍ରଦାନ ଓ ଗୃହ ହସ୍ତାନ୍ତର କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସହକାରୀ ନିର୍ବାହୀଯନ୍ତ୍ରୀ ଏମ୍. ନାଗେଶ୍ୱର ସୁବୁଦ୍ଧି କହିଥିଲେ । ଏହାପରେ ଅଞ୍ଚଳବାସୀ ଫେରିଥିଲେ ।

# ଜଣଙ୍କୁ ଆଜୀବନ, ଅନ୍ୟ ଜଣଙ୍କୁ ୧୮ ମାସ ଜେଲ

**ବ୍ରହ୍ମପୁର ଅଫିସ୍,୨।୫**

ବହୁ ଚର୍ଚ୍ଚିତ ତାରିଣୀ ପାତ୍ର ହତ୍ୟା ମାମଲାର ବିଚାର ବୁଧବାର ଜିଲା ଦୌରାଜଜ୍ ବିଭୁ ପ୍ରସାଦ ରାଉତରାୟଙ୍କ କୋର୍ଟରେ ହୋଇଥିଲା। ଏହି ଘଟଣାରେ ଟୁକୁନା ରାଉତଙ୍କୁ ଆଜୀବନ କାରାଦଣ୍ଡର ରାୟ କୋର୍ଟ ଶୁଣାଇଛନ୍ତି। ସେହିପରି ଅନ୍ୟତମ ଅଭିଯୁକ୍ତ ପିଙ୍କି ରାଉତଙ୍କୁ ୧୮ ମାସ ଜେଲ ଦଣ୍ଡ ଓ ପ୍ରମାଣ ଅଭାବରୁ ଅନ୍ୟ ଜଣେ ଅଭିଯୁକ୍ତ ପ୍ରକାଶ ନାୟକଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଟୁକୁନାଙ୍କୁ ୧୩ ହଜାର ଟଙ୍କା ଜରିମାନା ଓ ପିଙ୍କିଙ୍କୁ ୧ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଯେ, ୨୦୧୧ ଅଗଷ୍ଟ ୧ ତାରିଖ ମଧ୍ୟାହ୍ନରେ ହରିଡ଼ାଖଣ୍ଡି ଧର୍ମନଗରର ତାରିଣୀ ଦାଣ୍ଡରେ ଠିଆ ହୋଇଥିବା ବେଳେ ବାଇକ୍‌ରେ ୩ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ତାରିଣୀ ପିନ୍ଧିଥିବା ସୁନାଚେନକୁ ଦେବା ପାଇଁ ସେମାନେ କହିଥିଲେ। ତାରିଣୀ ମନା କରିବାରୁ ଲୁଟେରାମାନେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ବଡ଼ବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ତାରିଣୀଙ୍କ ମା' ସୁକାନ୍ତି ପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୯୩/୧୧ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା । ପୋଲିସ ତଦନ୍ତ ବେଳେ ଟୁକୁନା ରାଉତ, ପିଙ୍କି ରାଉତ ଓ ପ୍ରକାଶ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ବଡ଼ବଜାର ଥାନାଧିକାରୀ ଶିବ ବିଶ୍ୱାଳ ରହିଥିଲେ। ତାଙ୍କ ବଦଳି ପରେ ଥାନାଧିକାରୀ ଭାବେ ଯୋଗ ଦେଇଥିବା ଅନିଲ ମହାନ୍ତି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ବୁଧବାର ଏହି ମାମଲାର ବିଚାର ବେଳେ ୨୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିବାରୁ ଟୁକୁନା ଓ ପିଙ୍କିଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦିଆଯାଇଥିବା ବେଳେ ପ୍ରକାଶଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସରକାରଙ୍କ ପକ୍ଷରୁ ପିପି ଅଜିତ କୁମାର ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ଫକୀର ମୋହନ ପଟ୍ଟନାୟକ ଓ ସୁଶାନ୍ତ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ ।

#### ଯୁବକଙ୍କୁ ଗୁଳିକରି ହତ୍ୟା ମାମଲା

# ଫନୀ ଡର: କଢ଼ାଗଲା ହାଇମାଷ୍ଟ ଲାଇଟ୍

**ବ୍ରହ୍ମପୁର ଅଫିସ୍,୨।୫**

ଗୋପାଳପୁରଠାରୁ ଚାନ୍ଦବାଲି ମଧ୍ୟରେ ସାମୁଦ୍ରିକ ଝଡ଼ 'ଫନୀ' ଭୂଭାଗ ଛୁଇଁବ ବୋଲି ଅନୁମାନ କରାଯାଉଛି । ଏହାର ପ୍ରଭାବ ବ୍ରହ୍ମପୁର ସହରରେ ମଧ୍ୟ ଦେଖାଦେବ। ଏଣୁ ଆଗୁଆ ପ୍ରସ୍ତୁତ ହୋଇଯାଇଛି ବ୍ରହ୍ମପୁର ମହାନଗର ନିଗମ । ସହରସାରା ଲାଗିଥିବା ୩୨ ହାଇମାଷ୍ଟ ଲାଇଟ୍‌କୁ ତଳକୁ କାଢ଼ି ଦିଆଯାଇଛି । ଏଥି ସହ ଉଚ୍ଚତର ବିଜ୍ଞାପନ ହୋର୍ଡିଂଗୁଡ଼ିକୁ ମଧ୍ୟ କାଢ଼ି ଦିଆଯାଇଛି ବୋଲି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର୍ ସୂଚନା ଦେଇଛନ୍ତି। ପବନରେ ଏଗୁଡ଼ିକ ଭାଙ୍ଗି ଯିବାର ଆଶଙ୍କା ଥିବା ଯୋଗୁ ଏଭଳି ପଦକ୍ଷେପ ନିଆଯାଇଛି ।

ଅନ୍ୟପଟେ ବାତ୍ୟା ଫନୀକୁ ନେଇ ପ୍ରସ୍ତୁତ ହୋଇଛି ସାଉଥ୍‌କୋ। ସିଇଓ ପି. ଅରୁଣ କୁମାରଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟାର ପ୍ରଭାବ ଗଞ୍ଜାମ ଜିଲା ସମେତ ଗଜପତି ଏବଂ ରାୟଗଡ଼ା ଜିଲାରେ ଆଂଶିକ ପଡ଼ିବ। ପବନରେ ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହେବା ସହ ଅନ୍ୟାନ୍ୟ ଉପକରଣ ମଧ୍ୟ ଖରାପ ହୋଇଯାଇଥାଏ। ଏଣୁ ଆବଶ୍ୟକ ସଂଖ୍ୟକ ଉପକରଣ ବର୍ତ୍ତମାନ ଠାରୁ ମହଜୁଦ ରଖାଯାଇଛି ବୋଲି ସେ କହିଛନ୍ତି। ପ୍ରାୟ ୨ଶହ କି.ମି. ବେଗ ଯାଏ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ସମ୍ଭାଳି ନେବ। ଅଧିକ ହେଲେ ଭାଙ୍ଗିଯିବ। ପବନରେ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡ଼ିଯାଇଥାଏ । ଗଛ କାଟିବା ପାଇଁ ମଧ୍ୟ ଆବଶ୍ୟକ କଟର୍ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଏବଂ ଏନ୍‌ଡିଆର୍‌ଏଫ୍‌ର ସହାୟତା ନିଆଯିବ ବୋଲି ସେ କହିଛନ୍ତି ।



ବଡ଼ମେଡ଼ିକାଲ୍ ସମ୍ମୁଖରେ ଥିବା ହାଇମାଷ୍ଟ ଲାଇଟ୍‌କୁ ତଳକୁ କଢ଼ାଯାଉଛି ।

### ଜିଲାପାଳଙ୍କ ଚେତାବନୀକୁ ଭୟ ନାହିଁ
# ଆଳୁ ଲୁଚାଇଦେଲେ ଅସାଧୁ ବେପାରୀ

**ବ୍ରହ୍ମପୁର ଅଫିସ୍,୨।୫**

ବିପର୍ଯ୍ୟୟ ସମୟରେ ପୁଣି ଥରେ ଖାଉଟିଙ୍କୁ ଲୁଟିବାକୁ ସକ୍ରିୟ ହୋଇପଡ଼ିଛନ୍ତି ଅସାଧୁ ବେପାରୀ । ଏପରିକି ଜିଲାପାଳଙ୍କ ନାଲି ଆଖିକୁ ମଧ୍ୟ ସେମାନଙ୍କ ଭୟ ନାହିଁ । ସାମୁଦ୍ରିକ ଝଡ଼ 'ଫନୀ'କୁ ନେଇ ଲୋକମାନଙ୍କ ମନରେ ସୃଷ୍ଟି ହୋଇଥିବା ଭୟକୁ ନେଇ ଆରମ୍ଭ ହୋଇଯାଇଛି ବେପାର । ଅସାଧୁ ବ୍ୟବସାୟୀମାନେ ବଜାରରୁ ଆଳୁକୁ ଲୁଚାଇ ଦେଇଛନ୍ତି । ଯେଉଁ ଅଳ୍ପ ଜାଗାରେ ବିକ୍ରି ହେଉଛି, ତାହା ଚଢ଼ା ଦରରେ। ମନଇଚ୍ଛା ରଖାଯାଇଛି ଆଳୁ ଦର । କିଏ କିଲୋ ପିଚ୍ଛା ୩୦ ଟଙ୍କା ତ ପୁଣି କିଏ ୪୦ଟଙ୍କାରେ ବିକ୍ରି କରୁଛି । ପ୍ରଶାସନ କେବଳ ମୂକଦର୍ଶକ ସାଜିଛି। କୌଣସି ପ୍ରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଫଳରେ ଖାଉଟିମାନେ ଶୋଷଣର ଶିକାର ହେଉଛନ୍ତି ।

ମଙ୍ଗଳବାର ଯାଏ ବଜାରରେ ଆଳୁ କିଲୋ ପ୍ରତି ଦର ଥିଲା ୧୭ ଟଙ୍କା। ବୁଧବାରଠାରୁ ଧୀରେ ଧୀରେ ଦର ବଢ଼ିଲା। ପ୍ରଥମେ ୨୦ ହେଲା। ଦେଖୁ ଦେଖୁ ୨୫ରେ ପହଞ୍ଚିଲା। ସନ୍ଧ୍ୟା ହେଉ ହେଉ ଅନେକ ସ୍ଥାନରେ ୩୦ଟଙ୍କା କିଲୋରେ ବିକ୍ରି ହେଲା । ବିପର୍ଯ୍ୟୟ ସମୟରେ ଆଳୁ ଚଢ଼ା ଦରରେ ବିକ୍ରି ହେବା କୌଣସି ନୂଆ କଥା ନୁହଁ । ପ୍ରଶାସନ ଏ ସମ୍ପର୍କରେ ଆଗରୁ ବେଶ୍ ଅବଗତ ଥିଲା । ବୁଧବାର ବ୍ୟବସାୟୀମାନଙ୍କୁ ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ବୈଠକ କରିଥିଲେ। ଯେଉଁ ବ୍ୟବସାୟୀମାନେ ଆଳୁ ଏବଂ ପନିପରିବା କିମ୍ବା ଖାଦ୍ୟ ଦ୍ରବ୍ୟକୁ ବେଆଇନ୍ ଭାବେ ଗଚ୍ଛିତ ରଖିବେ ପରେ ଚଢ଼ା ଦରରେ ବିକିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କୁଲାଙ୍ଗେ ଚେତାବନୀ ଦେଇଥିଲେ। କିନ୍ତୁ ଜିଲାପାଳଙ୍କ ଚେତାବନୀକୁ ଅସାଧୁ ବ୍ୟବସାୟୀମାନେ ଆଦୌ ଭୟ କଲେନାହିଁ । ଗୁରୁବାର ସକାଳ ହେଉ ହେଉ ଆଳୁ କିଲୋ ଦର ୪୦ ଟଙ୍କାରେ ପହଞ୍ଚିଯାଇଥିଲା। ପରେ ଅକସ୍ମାତ ଆଳୁ ଗାଏବ୍ ହୋଇଗଲା। ବଡ଼ବଜାର ପରିବା ମାର୍କେଟ୍‌ରେ ପୂର୍ବାହ୍ନ ୧୧ଟା ବେଳକୁ ଆଉ ଆଳୁ ନ ଥିଲା । କୃତ୍ରିମ ଅଭାବ ସୃଷ୍ଟି କରି ଚଢ଼ା ଦରରେ ବିକ୍ରି କରିବା ପାଇଁ କେତେକ ବ୍ୟବସାୟୀ ଆଳୁକୁ ଲୁଚାଇ ଦେଇଥିବା ବଜାରରେ ଆଲୋଚନା ହେଉଥିଲା। କେବଳ ଏହି ଗୋଟିଏ ବଜାର ନୁହଁ, ସହରର ଅଧିକାଂଶ ବଜାରରେ ଆଳୁ ଗାଏବ୍ ହୋଇଯାଇଛି। ଅନ୍ୟପଟେ ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ବଡ଼ବଜାର ଏବଂ ଅନ୍ୟାନ୍ୟ ଭେଣ୍ଡିଂ ଜୋନ୍‌ରେ ଯାଞ୍ଚ କରିଥିଲା । କିନ୍ତୁ ଅସାଧୁ ବେପାରୀଙ୍କୁ ଧରିପାରି ନ ଥିଲା ।

ଉପଜିଲାପାଳ ଦିଗନ୍ତ ରାଉତରାୟ କହିଛନ୍ତି, ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଛି। ଆଳୁ ଅଭାବ ଦୂର କରିବା ପାଇଁ ପଦକ୍ଷେପ ନିଆଯାଉଛି । ୨ଶହ କୁଇଣ୍ଟାଲ୍ ଆଳୁ ମଗାଯାଇଛି ।


ଏକ ଆଳୁ ଗୋଦାମ୍‌ରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଯାଞ୍ଚ ଚାଲିଛି ।

- ୧୭ରୁ ୪୦ଟଙ୍କା ପରେ ଆଉ ମିଳିଲାନି
- ପ୍ରଶାସନର ଚଢ଼ାଉ, ତଥାପି ପ୍ରଭାବଶୂନ୍ୟ
- ମଗାଗଲା ୨ଶହ କୁଇଣ୍ଟାଲ୍ ଆଳୁ

## ସଂକ୍ଷେପରେ

### ବିଦ୍ୟୁତ ଆଘାତରେ ନାବାଳକ ମୃତ

କୁକୁଡ଼ାଖଣ୍ଡି,୨।୫(ଡି.ଏନ.ଏ.)- କୁକୁଡ଼ାଖଣ୍ଡି ବ୍ଲକ ଜଗଦଲପୁର ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁବାର ଅପରାହ୍ଣରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର କେ. ଲୋକନାଥ ପାତ୍ରଙ୍କ ପୁତ୍ର କେ. ସୁନିଲ (୧୦)। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଗ୍ରାମବାସୀଙ୍କ କହିବା ପ୍ରକାରେ, ଗ୍ରାମର ଅର୍ଜୁନ ପାତ୍ର ଜଗଦଲପୁର ନେତାଜି ନଗରରେ ଏକ ଷ୍ଟିଲ ଫ୍ୟାକ୍ଟ୍ରି କରିଛନ୍ତି। ଆବଶ୍ୟକ ଉପକରଣ ଘର ବାହାରେ ପଡ଼ି ରୁହେ। ଫ୍ୟାକ୍ଟ୍ରି ବନ୍ଦ ଥିବା ସମୟରେ ଚୋରି ଯିବା ଆଶଙ୍କା କରି ଅର୍ଜୁନ ଉପକରଣ ଓ ଘର ଗ୍ରିଲକୁ ବିଦ୍ୟୁତ୍ ସଂଯୋଗ କରିଥିଲେ। ସୁନୀଲ ଗାଁରେ ହେଉଥିବା ଏକ ଭୋଜି ଖାଇ ଘରକୁ ଫେରୁଥିବା ବେଳେ ଉକ୍ତ ଗ୍ରୀଲ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ସୁନିଲଙ୍କ ପରିବାର ଓ ଗ୍ରାମବାସୀ ଏଥିପାଇଁ ଫ୍ୟାକ୍ଟ୍ରି ମାଲିକଙ୍କୁ ଦାୟୀ କରି ଥାନାରେ ଅଭିଯୋଗ କରିଛନ୍ତି।

### ତପ୍ତପାଣି ଘାଟିରେ ଓଲଟିଲା ଟ୍ରାକ୍ଟର, ୪ ଆହତ

ଦିଗପହଣ୍ଡି,୨।୫(ଡି.ଏନ.ଏ.)- ଦିଗପହଣ୍ଡି-ରାୟଗଡ଼ା ମୁଖ୍ୟ ରାସ୍ତାର ତପ୍ତପାଣି ଘାଟିରେ ଏକ ନମ୍ବରବିହୀନ ଟ୍ରାକ୍ଟର ଓଲଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ ଜକମେରିପଲ୍ଲୀ ଗ୍ରାମର ସୀମାଞ୍ଚଳ ମହାନ୍ତି, ଭ୍ରମରପୁର ଗ୍ରାମର ବୃନ୍ଦାବନ ଗୌଡ଼, ବି. କଂଗ୍ରେସ ପାତ୍ର ଓ ଗଜପତି ଜିଲା ଡେ଼ଙ୍ଗାମା ଗ୍ରାମର ବିଶ୍ୱଜିତ ମହାନ୍ତି । ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଗଜପତି ଜିଲା ଚନ୍ଦ୍ରଗିରିରୁ ଡେ଼ଙ୍ଗାଓସ୍ତା ଗ୍ରାମ ଅଭିମୁଖେ ଆସୁଥିବା ଟ୍ରାକ୍ଟରଟି ତପ୍ତପାଣି ଘାଟି ରାସ୍ତାର ଖେମୁଣ୍ଡିଖୋଲ ଗାଁ ନିକଟରେ ଓଲଟି ପଡ଼ିଥିଲା। ଫଳରେ ଏଥିରେ ବସିଥିବା ୪ ଜଣ ଆହତ ହୋଇଥିଲେ। ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାଟପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି। ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛନ୍ତି।

## ■ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ ଘଟଣା

# ମାଷ୍ଟର ମାଇଣ୍ଡ ସମେତ ୫ ଗିରଫ

ପୁରୁଷୋତ୍ତମପୁର,୨।୫(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ସହରର ଜନଗହଳିପୂର୍ଣ୍ଣ କଲେଜଛକ ନିକଟରେ ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାର ଗୁରୁବାର ଫର୍ଦ୍ଦାଫାଶ କରିଛି ପୋଲିସ। ଘଟଣାର ମାଷ୍ଟରମାଇଣ୍ଡ ତଥା ଲୁଟ୍‌ର ଶିକାର ହୋଇଥିବା ଅରୂପଙ୍କ ପୁତୁରାଙ୍କ ସମେତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ପୁରୁଷୋତ୍ତମପୁର କମାସାହିର ପାଣ୍ଡା ଓରଫ ପରମାନନ୍ଦ ମହାନ୍ତି (୨୫), ଅମୁଣିଆ ସାହିର ବିଚି ଓରଫ ବିଚିତ୍ର ଗୌଡ(୨୦), ପଠାଣ ଓରଫ ସନ୍ୟାସୀ ଗୌଡ(୨୧),ଲିପୁ ଗୌଡ (୨୨) ଓ କପିଳେଶ୍ୱର ମନ୍ଦିର ନଦୀତଟସାହିର ଟୁକୁଲୁ ଓରଫ ମହେଶ୍ୱର ନାୟକ (୧୯)।

ସୂଚନା ଯୋଗ୍ୟ ଯେ, ଗୁରୁବାର ରାତିରେ ଶଙ୍କର ଟ୍ରେଡର୍ସର ମାଲିକ ଅରୂପ ମହାନ୍ତି ଦୋକାନ ବନ୍ଦକରି ବାଇକ ଯୋଗେ ଘରକୁ ଫେରୁଥିଲେ। ବାଇକ



ଥାନାରେ ଗିରଫ ଅଭିଯୁକ୍ତ।

■ବ୍ୟବସାୟିକ, ପାରିବାରିକ ଶତ୍ରୁତାରୁ ପୁତୁରା କରିଥିଲା ବ୍ଲୁପ୍ରିଣ୍ଟ

■ମୋବାଇଲ, ଟଙ୍କା, କ୍ରିକେଟ୍ ଷ୍ଟମ୍ପ ଜବତ

ଡିକିରେ ୨ଲକ୍ଷ ଟଙ୍କା ଥିଲା। କାଳୀମନ୍ଦିର ନିକଟରେ ଲୁଟେରାମାନେ ତାଙ୍କୁ ଆକ୍ରମଣ କରି ବାଇକ ଲୁଟି ନେଇଥିଲେ। ଏନେଇ ଅରୂପ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ଜଗନ୍ନାଥ ମଲ୍ଲିକ ନଂ.୧୦୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀଙ୍କ ତତ୍ତ୍ୱାବଧାନରେ ଆଇଆଇସି ମଲ୍ଲିକ, ଏସ୍‌ଆଇ ସୁନିଲ କୁମାର ପ୍ରଧାନ, ଏଏସ୍‌ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଶୁକ୍ରବାର ଶୋଳଘର ଗ୍ରାମ ନିକଟସ୍ଥ ରାସ୍ତା କଡରୁ ଲୁଟ ବାଇକ ମିଳିଥିଲା। ଏହାପରେ ପୋଲିସକୁ ଲୁଟେରାଙ୍କ ସମ୍ପର୍କରେ କିଛି ସୁରାକ ମିଳିଥିଲା। ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା। ଏମାନଙ୍କୁ ଥାନାରେ ଜେରାବେଳେ ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ମିଳିଥିଲା। ଅଭିଯୁକ୍ତମାନେ କହିବା ପ୍ରକାରେ ପୋଲିସ ସେମାନଙ୍କୁ ଟଙ୍କା ରଖିଥିବା ସ୍ଥାନକୁ ନେଇ ଲୁଟ ଟଙ୍କାରୁ ୬୩,୫୦୦ ଟଙ୍କା ଜବତ କରିଛି। ଏହାସହ ସେମାନଙ୍କ ଠାରୁ ୫ ମୋବାଇଲ, କଳା ମୁଖା, ଆକ୍ରମଣ ବେଳେ ବ୍ୟବହୃତ କ୍ରିକେଟ ଷ୍ଟମ୍ପ ଜବତ ହୋଇଛି।

ଘଟଣାର ମାଷ୍ଟର ମାଇଣ୍ଡ ପାଣ୍ଡା ଓରଫ ପରମାନନ୍ଦ ମହାନ୍ତି ଲୁଟର ଶିକାର ହୋଇଥିବା ବ୍ୟବସାୟୀ ଅରୂପଙ୍କ ନିଜ ବଡଭାଇଙ୍କ ପୁଅ। ଅରୂପ ଓ ତାଙ୍କ ଭାଇଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଅନ୍ୟପକ୍ଷରେ ଉଭୟେ ଏକାପ୍ରକାର ବ୍ୟବସାୟ ପାଖାପାଖି କରୁଥିବାରୁ ବ୍ୟବସାୟିକ ଶତ୍ରୁତା ମଧ୍ୟ ଥିଲା ବୋଲି ଏସ୍‌ଡିପିଓ ସେଠୀ ସୂଚନା ଦେଇଛନ୍ତି। ପାଣ୍ଡା ଅରୂପଙ୍କୁ ଲୁଟିବାକୁ ବ୍ଲୁପ୍ରିଣ୍ଟ କରି ସହଯୋଗୀ ବିଚିତ୍ରର ସହାୟତା ନେଇଥିଲା। ବିଚିତ୍ର ତାର ଗ୍ୟାଙ୍ଗ ସହ ମିଶି ପ୍ଲାନିଂ କରିଥିଲା। ଅରୂପ ରାତିରେ ଫେରିବାବେଳେ ଲିପୁ ଓ ମହେଶ କ୍ରିକେଟ ଷ୍ଟମ୍ପରେ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବାପରେ ବାଇକ ନେଇ ଚମ୍ପଟ ମାରିଥିଲେ।

### ୩ ବସ୍ତାରୁ ମିଳିଲା ୬.୮ କେଜି ଗଞ୍ଜେଇ

ଫୁଲବାଣୀ ଅଫିସ, ୨।୫

ଫୁଲବାଣୀ ଟାଉନ ଥାନା ପୋଲିସ ଗତ ସୋମବାର ନଦୀଖଣ୍ଡି ସାହିରେ ଚଢ଼ାଉ କରି ୩ ବସ୍ତା ଗଞ୍ଜେଇ ଜବତ କରିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଜବତ କରିବାର ୩୦ ଘଂଟା ପରେ ଗଞ୍ଜେଇ ପାରିମାଣ ୬ କିଲୋ ୮୦୦ ଗ୍ରାମ ଏବଂ ବସ୍ତାରେ ହଳଦୀ ଥିବା ଦର୍ଶାଇବା ପୋଲିସର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ଉଠିଛି । ଯାହାକୁ ସାଧାରଣରେ ସହଜରେ ହଜମ କରି ହେଉନାହିଁ । ଗଞ୍ଜେଇ ଜବତ କରିବା ପରେ ଗାଡି ଥାନା ଭିତରକୁ ନ ଆସି ପୋଲିସ କ୍ୱାର୍ଟର ସମ୍ମୁଖକୁ ଯିବା ଘଟଣାକୁ ଆହୁରି ରହସ୍ୟାବୃତ କରିଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ସୁନୀଲ କୁମାର ସାହୁ। ଏ ନେଇ ଥାନାରେ ନଂ.୬୮/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ତିରୁପତି ଚୌଧୁରୀ ସୂଚନା ଦେଇଛନ୍ତି।

# ମଦ ବନ୍ଦ ପାଇଁ ମହିଳାଙ୍କ ରାସ୍ତାରୋକୋ

ବେଗୁନିଆପଡା,୨।୫(ଡି.ଏନ୍.ଏ.) ନିର୍ବାଚନ ସରୁସରୁ ମଦ ବିରୋଧୀ ଆନ୍ଦୋଳନ। ବେଗୁନିଆପଡ଼ା ଫାଣ୍ଡି ସୁମଣ୍ଡଳ ପଞ୍ଚାୟତରେ ଶତାଧିକ ମହିଳା ବୁଧବାର ଏକାଠି ହୋଇ ମଦ ବିକ୍ରି ବନ୍ଦ କରି ସୁମଣ୍ଡଳ ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ମଦବିକ୍ରି ଯୋଗୁ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଥିବା ମହିଳାମାନେ ପ୍ରକାଶ କରିଛନ୍ତି। ଫଳରେ ମଦ ବନ୍ଦ ଦାବିରେ ମହିଳାମାନେ ପ୍ଲାକାର୍ଡ ଧରି ରାସ୍ତାରୋକୋ କରିଥିଲେ। ବଣିଆବାଡି ଛକ ନିକଟରେ ରାସ୍ତାରେ ବସି ରହିବା ସହ ଦେଶୀ ଓ ବିଦେଶୀ ମଦ ବିକ୍ରି ବନ୍ଦ ପାଇଁ ଦାବି କରିଥିଲେ।



ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ଫଳରେ ବେଗୁନିଆପଡ଼ା ଭେଜିପୁଟ ରାସ୍ତା ଓ ବେଗୁନିଆପଡ଼ା ଅଙ୍ଗାରଗାଁ ରାସ୍ତାକୁ ସକାଳ ପ୍ରାୟ ସାଢ଼େ ସାତଟାରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ, ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ଦୀପ୍ତି ପ୍ରକାଶ ବେହେରା, ଅବକାରୀ ବିଭାଗ ଅଧିକାରୀ ବିଦ୍ୟୁସ୍ମିତା ନାୟକ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ମହିଳାମାନେ ଜିଦ୍‌ରେ ଅଟଳ ରହିଥିଲେ। ପ୍ରକାଶ ଯେ, କିଛିଦିନ ତଳେ ମଦବନ୍ଦ ପାଇଁ ମହିଳାମାନେ ରାଲି କରିବା ସହ ଗଞ୍ଜାମ ଜିଲାପାଳ, ଏସ୍‌ପି, ସ୍ଥାନୀୟ ପୋଲିସକୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ। ସୁମଣ୍ଡଳ ପଞ୍ଚାୟତର ସୁମଣ୍ଡଳ, ଭାଲିଆଝର, ସଉରାପଲ୍ଲୀ ଆଦି ଗ୍ରାମରେ ଏହି ଅଭିଯାନକୁ ଜୋରଦାର୍ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ୭,୫୩୩ ଲୋକଙ୍କୁ ସ୍ଥାନାନ୍ତର

ଆର.ଉଦୟଗିରି,୨।୫(ଡି.ଏନ.ଏ.)

'ଫନୀ'କୁ ଦୃଷ୍ଟିରେ ରଖି ଆର୍. ଉଦୟଗିରି ଓ ନୂଆଗଡ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଆର୍.ଉଦୟଗିରି ବ୍ଲକର ୧୮ ପଞ୍ଚାୟତର କଚ୍ଚାଘରେ, ତଳିଆ ଅଞ୍ଚଳରେ ଓ ପାହାଡ ଉପରେ ରହୁଥିବା ୭ହଜାର ୫୩୩ ଲୋକଙ୍କୁ ୬୦ଟି ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ପ୍ରଦୀପ କୁମାର ନାୟକ କହିଛନ୍ତି। ସେହିପରି ନୂଆଗଡ ବ୍ଲକର ୧୯ ପଞ୍ଚାୟତର ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। କଚ୍ଚାଘରେ ରହୁଥିବା ୮୬୩ ଲୋକଙ୍କୁ ଆଣି ୧୦ ସ୍କୁଲରେ ବୁଧବାର ସନ୍ଧ୍ୟାରୁ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଉଥିବା ନୂଆଗଡ ତହସିଲଦାର ପ୍ରଫୁଲ କୁମାର କୁତୁମୁ କହିଛନ୍ତି। ୧୭ ଜଣ ଗର୍ଭବତୀଙ୍କୁ ମା' ଗୃହରେ ରଖାଯାଇଛି ଏବଂ ୩ ଜଣଙ୍କୁ ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିବା ସିଡିପିଓ ସୁରତି ପ୍ରଧାନ କହିଛନ୍ତି। ଅନ୍ତରବା ପଞ୍ଚାୟତର ୩ ଜଣ ଗର୍ଭବତୀଙ୍କୁ ଆଣି ମା' ଗୃହରେ ରଖାଯିବ। ଏଥିସହ ତରବା, ତୁମନ, ଅରାଡ଼ି, ବାହାଡ଼ପଦା, ଅଣ୍ଡରସିଙ୍ଗ ଗ୍ରାମର ଲୋକଙ୍କୁ ଆଣି ଅଙ୍ଗନୱାଡ଼ି ଗୃହରେ ରଖାଯାଇଛି। ବ୍ଲକକୁ ବାତ୍ୟା ପାଇଁ ଗୁଡ଼, ଚୁଡ଼ା, କ୍ୟାଣ୍ଡେଲ, ବିସ୍କୁଟ ଏବଂ ପାଣି ପାଉଚ ଯୋଗାଇ ଦିଆଯାଇଛି ବୋଲି ତହସିଲଦାର କୁତୁମୁ କହିଛନ୍ତି।

# ୯୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ଫିରିଙ୍ଗିଆ, ୨।୫

ଫିରିଙ୍ଗିଆ ଥାନା ପୋଲିସ ଯାଜେଶପଙ୍ଗାରେ ଚଢ଼ାଉ କରି ୯୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିବେକ କଠାର ଓ ସୁବାସ କୁମ୍ଭାର। ଉଭୟଙ୍କ ଘର ବଲାଙ୍ଗୀର ଜିଲାରେ। ଯାଜେଶପଙ୍ଗା ଗ୍ରାମ ପାଖରେ ଗଞ୍ଜେଇ ଚୋରାଚାଲାଣ ହେବାକୁ ଥିବା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ ବେଳେ ଏକ ବୋଲେରୋକୁ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ସେଠାରେ ଆଉ ଗୋଟିଏ ବାଇକ ପାଇଲଟିଂ ପାଇଁ ଥିଲା। ପୋଲିସ ଉଭୟ ଗାଡି ସହ ଗଞ୍ଜେଇ ଜବତ କରି ଥାନାକୁ ଆଣିଛି।






### ବରଯାତ୍ରୀ ଗାଡ଼ି ଓଲଟି ୧୦ ଆହତ

ବାଲିଗୁଡ଼ା,୨।୫(ଡି.ଏନ୍.ଏ.) ବାଲିଗୁଡ଼ା ମହାସିଙ୍ଗି ନିକଟରେ ବୁଧବାର ମଧ୍ୟାହ୍ନରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ମିନିଟ୍ରକ୍ ଓଲଟି ପଡ଼ିଥିଲା। ଫଳରେ ଏଥିରେ ୧୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ ଆହତ ହୋଇ ବାଲିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କ.ନୂଆଗାଁ ବ୍ଲକ୍ ଲେଡିଙ୍ଗିଆ ଗ୍ରାମରୁ ପ୍ରାୟ ୫୦ ବରଯାତ୍ରୀ ଏକ ୪୦୭ ମିନିଟ୍ରକ୍‌ରେ ବାଲିଗୁଡ଼ା ବ୍ଲକ୍ ମିଡ଼ିଆକିଆ ପଞ୍ଚାୟତ ବରିକିଆକୁ ଆସୁଥିଲେ। ମହାଶିଙ୍ଗି ନିକଟରେ ଗାଡିଟି ଭାରସାମ୍ୟ ହରାଇ ଓଲଟିପଡ଼ିବାରୁ ୧୦ଜଣ ଆହତ ହୋଇଥିବା ବେଳେ ଅନ୍ୟ କେତେଜଣ ସାମାନ୍ୟ ଖଣ୍ଡିଆଖାବରା ହୋଇଥିଲେ। ଗ୍ରାମବାସୀ, ସ୍ଥାନୀୟ ଦମକଳବାହିନୀ ସେମାନଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଡାକ୍ତରଖାନାକୁ ପଠାଇଥିଲେ।

### କୂଅରୁ ମୃତଦେହ ଉଦ୍ଧାର

ଆସିକା,୨।୫(ଡି.ଏନ.ଏ.)

ଆସିକା ଏନ୍‌ଏସିର କୁମ୍ଭାରସାହିରେ ଗୁରୁବାର ସକାଳେ ନିଜ ଘର ବାଡିପଟ କୂଅରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଅରୁଣ ପାତ୍ର (୪୦)। ଅରୁଣ କୂଅରେ ପଡିଯାଇଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ ମୃତଦେହ ଉଦ୍ଧାର କରି ଆସିକା ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଥିଲା। ଏନେଇ ଆସିକା ଥାନାରେ ନଂ.୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ